## ସମ୍ପାଦକଙ୍କୁ ପତ୍ର

# ପନିପରିବା ଦର ଓ ଖାଉଟିଙ୍କ ଚିନ୍ତା

ଗତ କିଛିଦିନ ହେଲା ପନିପରିବା ଦର ଆକାଶଛୁଆଁ ହୋଇ ଚାଲିଛି । ପ୍ରତିଦିନ ପରିବାର ଦର ବଢ଼ିବା ଏକ ସାଧାରଣ କଥା ହୋଇ ଯାଇଛି । କାଲି ଯେତେ ଦର ଥିଲା, ଆଜି ବଜାରକୁ ଗଲା ବେଳକୁ ପ୍ରାୟ ପନିପରିବାରେ ୧୦/୨୦ ଟଙ୍କା ବଢ଼ି ଯାଉଛି । ଗତ ଦଶଦିନ ତଳେ ଯେଉଁ ପରିବାଗୁଡ଼ିକ ୨୦ରୁ ୩୦ ଟଙ୍କାରେ ବିକ୍ରି ହେଉଥିଲା, ସେସବୁର ଦାମ୍ ଏବେ ପ୍ରାୟ ୪୦ରୁ ୮୦ ଟଙ୍କା ହୋଇ ଯାଇଛି । ବିଶେଷକରି ଟମାଟୋ କି.ଗ୍ରା. ୮୦, ଜହ୍ନି ୬୦, କଲରା ୬୦, ଫୁଲକୋବି ୮୦, କାଙ୍କଡ଼ ୧୦୦, ପାଳଙ୍ଗ ୨୬୦, ବାଇଗଣ ୪୦, କ୍ୟାପସିକମ୍ ୮୦, ଭେଣ୍ଡି ୪୦ରେ ବିକ୍ରି ହେଉଛି । ବର୍ତ୍ତମାନ ସାଧାରଣ ଲୋକେ ଘୋର ଆର୍ଥିକ ସମସ୍ୟା ଦେଇ ଗତି କରୁଥିବା ବେଳେ ହଠାତ୍ ପନିପରିବାର ଦର ବୃଦ୍ଧି ସମସ୍ତଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି । ତେଣୁ ପ୍ରଶାସନ ପନିପରିବା ଦରକୁ ନିୟନ୍ତ୍ରଣ କରିବା ସହ ପ୍ରତ୍ୟେକ ଦିନର ଦର ଧାର୍ଯ୍ୟ କରି ଦୈନିକ ବଜାରରେ ଦର ତାଲିକା ଲଗାଇବାର ବ୍ୟବସ୍ଥା କରନ୍ତୁ । ଏହାଦ୍ୱାରା ପନିପରିବାକୁ ନେଇ କଳାବଜାରୀ କରୁଥିବା ସ୍ୱାର୍ଥାନ୍ୱେଷୀ ବ୍ୟବସାୟୀମାନେ ମଧ୍ୟ ନିଜ ମନଇଚ୍ଛା ଦର ବୃଦ୍ଧି କରି ପାରିବେ ନାହିଁ ଏବଂ ପରିବା ଦରରେ ଲଗାମ ଲାଗି ପାରିବ । ■

-ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ

ନିତିଦିନ NITIDIN Wed, Sep 16, 2020
http://odishanewsnitidin.com